## ସଂକ୍ଷେପରେ

### ଇଂ.ଉତ୍ତମ ପାଣିଗ୍ରାହୀ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

ଧରାକୋଟ,୧୪।୪
(ବିଷ୍ଣୁ କେଶରୀଆଚାର୍ଯ୍ୟ)

ଭାଜପା ରାଜ୍ୟ କାର୍ଯ୍ୟକାରିଣୀ କମିଟକୁ ସାନଖେମୁଣ୍ଡି ଭାଜପା କର୍ମକର୍ତ୍ତା ଇଂ ଉତ୍ତମ ପାଣିଗ୍ରାହୀ ନୂତନ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ତାଙ୍କୁ ଏହି ନିଯୁକ୍ତି ମିଳିଛି। ଦଳୀୟ କର୍ମୀ ଓ ସମର୍ଥକମାନେ ପାଣିଗ୍ରାହୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ନୂତନ ଦାୟିତ୍ୱ ପାଇଁ ଇଂ, ପାଣିଗ୍ରାହୀ ରାଜ୍ୟ ସଭାପତି ମନମୋହନ ସାମଲ,ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୧୪।୪
(ଗିରିଧାରୀ ପରିଚ୍ଛା)

ଆନ୍ଧ୍ର ପ୍ରଦେଶର ପଲାସା ସହର ନିକଟରେ ଗତ ୯ ଦିନ ତଳେ ଘଟିଥିବା ସଡକ ଦୁର୍ଘଟଣାରେ ଚିକିତ୍ସିତ ହେଉଥିବା ଗଜପତି ଜିଲା ସଦର ପାରଳାଖେମୁଣ୍ଡି ସହର କରଣସାହି ନିବାସୀ ମୁକେଶ ପାଣିଗ୍ରାହୀ (୫୩)ଙ୍କ ମୃତ୍ୟୁ ଘଟିଛି। ସ୍ୱର୍ଗତ ମୁକେଶ ସାଙ୍ଗ ସାଥୀଙ୍କ ସହ ଶ୍ରୀକ୍ଷେତ୍ର ଯାଇ ଜଗା ଦର୍ଶନ କରି ଫେରୁଥିଲେ । ହେଲେ ଆସିବା ବେଳେ ଜାତୀୟ ରାଜପଥ ୧୬ ଅନ୍ତର୍ଗତ ପଲାସା ସହର ନିକଟରେ କାରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କାର ରାସ୍ତାର ଡିଭାଇଡରକୁ ଚଢି ଯାଇ ବିପରୀତ ରାସ୍ତାରେ ଆସୁଥିବା ଏକ ଟ୍ରକ ସହ ଧକ୍କା ହୋଇଥିଲା। ଫଳରେ କାରରେ ବସିଥିବା ମୁକେଶ, ତାଙ୍କ ସାଙ୍ଗ ଅମୂଲ୍ୟ ପାତ୍ର ଏବଂ ଚାଳକ ଗୁରୁତର ହୋଇଥିଲେ। ସେମାନଙ୍କୁ ସଙ୍ଗେ ସଙ୍ଗେ ଶ୍ରୀକାକୁଲମ ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ୯ ଦିନ ପରେ ଚାଳକ ଜଣକ ସୁସ୍ଥ ହୋଇଥିବା ବେଳେ ମୁକେଶଙ୍କୁ ଅଧିକା ଚିକିତ୍ସା ପାଇଁ ବିଶାଖାପାଟଣା ସ୍ଥାନାନ୍ତର ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ମୁକେଶ ଦୁର୍ଘଟଣା ପରଠାରୁ କୋମା ସ୍ଥିତିରେ ଥିଲେ । ଏହି ଖବର ପାରଳାଖେମୁଣ୍ଡିରେ ପ୍ରଚାର ହେବା ପରେ ବିଭିନ୍ନ ମହଲରେ ଶୋକ ଖେଳିଯାଇଛି। ତାଙ୍କ ବିୟୋଗରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ, ରାକେଶ ପାଣିଗ୍ରାହୀ, ମୁନା ପରିଚ୍ଛା ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଅଗ୍ନି ନିରାପତ୍ତା କୌଶଳ ସଚେତନତା

ଧରାକୋଟ,୧୪।୪
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା କୌଶଳ ସଚେତନତା ସପ୍ତାହ ପାଳନ ଆରମ୍ଭ ହୋଇଛି। ମୁଣ୍ଡମରାଇ ବସଷ୍ଟାଣ୍ଡ, ତାଳପାଟଣା ଛକ, ମୁକ୍ତେଶର ଫିଲିଙ୍ଗ ଷ୍ଟେଶନ ଛକ, ଜାନବିଲି ମିଲଛକ, ପୋଲିସ ଷ୍ଟେଶନ, ଜଗନ୍ନାଥ ମନ୍ଦିର ଛକ ଓ ବ୍ଲକ ଅଫିସ ଛକରେ ଅଗ୍ନିଶମ ବାହିନୀ ତରଫରୁ ଲୋକଙ୍କୁ ବାତ୍ୟା ସମୟରେ ଗଛ ମୂଳରେ ନ ରହିବା, ବଜ୍ରପାତ ବେଳେ ମୋବାଇଲ ଟାୱାର ନିକଟରେ ନ ରହିବା, ବାତ୍ୟା ଓ ମାତ୍ରାଧିକ ପବନ ବହିବା ବେଳେ ବିପଦସଙ୍କୁଳ ଘର,କାନ୍ଥ ନିକଟରୁ ଦୂରରେ ରହିବା, ଗ୍ୟାସ ଚୁଲାରେ ରୋଷେଇ ବେଳେ ସତର୍କତା ଅବଲମ୍ବନ କରିବା ଆଦି ନେଇ ସଚେତନା କରାଯାଇଥିଲା । ଅଗ୍ନିଶମ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ, ହାବିଲଦାର ସନତ ପ୍ରଧାନ, ଆଗ୍ନିକ କଳିଙ୍ଗ ତରାଇ, ସାଜନ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଯାତ୍ରୀଙ୍କୁ ପଣା ବାଣ୍ଟିଲେ ଛାତ୍ରୀଛାତ୍ର

ଦାରିଙ୍ଗବାଡି, ୧୪।୪ (ଅରୁଣ ସାହୁ)

ହନୁମାନ ଜୟନ୍ତୀ ଏବଂ ବିଷୁବ ସଂକ୍ରାନ୍ତି ବା ପଣାସଂକ୍ରାନ୍ତି ପାଇଁ ଦାରିଙ୍ଗିବାଡି ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନୀଳକନ୍ଦର ସାହିର ଛାତ୍ରୀଛାତ୍ର ମାନେ ଏକାଠି ହୋଇ ଦହି ପଣା ଯାତ୍ରୀଙ୍କୁ ବଣ୍ଟନ କରଥିଲେ। ସ୍ଥାନୀୟ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମଧ୍ୟ ଲୋକଙ୍କୁ ପଣା ବଣ୍ଟନ କରିଥିଲେ। ଦଶମ ଶ୍ରେଣୀ ଛାତ୍ର ଆୟୁଷ୍ମାନ ସାହୁ, ଆଦ୍ୟାଶ୍ରୀ ସାହୁ, ଆୟୁଷ ସାହୁ, ଆୟୁଷ ବେହେରା, ବିବେକ ସାହୁ, ଆରୁଷି ସାହୁ ଚିତ୍ତରଞ୍ଜନ ସାହୁ, ରୋଶନ ସାହୁ ପ୍ରମୁଖ ଛାତ୍ରୀଛାତ୍ରମାନେ ଏଥିରେ ସାମିଲ ହୋଇଥିଲେ।

# ମେରୁରେ ସରିଲା ଦଣ୍ଡଯାତ୍ରା

କବିସୂର୍ଯ୍ୟନଗର,୧୪।୪
(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ୨୧ ଓ ୧୩ ଦିନ ଧରି ଚାଲିଥିବା ଦଣ୍ଡଯାତ୍ରା କେତେକ ସ୍ଥାନରେ ସୋମବାର ମାସନ୍ତ ମେରୁରେ ସରିଥିବା ବେଳେ ବଳକା ମଙ୍ଗଳବାର ବିଷୁବ ସଂକ୍ରାନ୍ତିରେ ଉଦ୍ୟାପିତ ହୋଇଛି। କବିସୂର୍ଯ୍ୟନଗର ଅଞ୍ଚଳରେ ଥିବା ବିଭିନ୍ନ ଦଣ୍ଡକାଳୀ ମନ୍ଦିରଠାରେ ମଙ୍ଗଳବାର ମେରୁପର୍ବ ପାଳନ ହୋଇଛି। ହଜାର ହଜାର ଭକ୍ତ ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ମାନସିକ ପୁରଣ ଲାଗି ଶତାଧିକ ମହିଳା ପୋଖରୀ ତୁଠରେ ଅଧିଆ ପଡିଥିଲେ। ଦଣ୍ଡୁଆମାନେ ପାଣିଦଣ୍ଡ ହେଉଥିବା ପୋଖରି ତୁଠରୁ ପାଟଭୁକ୍ତାଙ୍କୁ ବୋହି ଯଜ୍ଞକୁଣ୍ଡ ନିକଟକୁ ଆଣିଥିଲେ। ତାଙ୍କୁ ଅଗ୍ନିକୁଣ୍ଡ ଉପରେ ମୁଣ୍ଡତଳକୁ କରି ମେରୁଖୁଣ୍ଟରେ ଲଟକାଇ ରଖାଯିବା ପରେ ଦଣ୍ଡଯାତ୍ରା ସମାପନ ହୋଇଥିଲା। କବିସୂର୍ଯ୍ୟନଗରରେ ଧୋବା ପୁଞ୍ଜା, ମାଝୀ ପୁଞ୍ଜା ଓ ପରିଡା ପୁଞ୍ଜା ଭାବେ ରହିଥିବାବେଳେ ଶତାଧିକ ମାନସିକଧାରୀ ସାମିଲ ହୋଇଥଲେ।

**ପୁରୁଷୋତ୍ତମପୁର,(ସବିତା ମିଶ୍ର):** ପୁରୁଷୋତ୍ତମପୁର ସହରରେ ଥିବା ଧୋବା ପୁଞ୍ଜା, ଗୌଡ଼ ପୁଞ୍ଜା ଓ ବିପତ୍ତି ହାରିଣି ତେଲି ପୁଞ୍ଜାର ଦଣ୍ଡଯାତ୍ରା ଉଦ୍ୟାପିତ



ପୁରୁଷୋତ୍ତମପୁରରେ ପୋଖରୀ ତୁଠରେ ମହିଳାମାନେ ଅଧିଆ ପଡିଛନ୍ତି ।

ହୋଇଛି। ମା' ଦଣ୍ଡକାଳୀଙ୍କୁ ହଜାର ହଜାର ଭକ୍ତ ମା'ଙ୍କୁ ଦର୍ଶନ କରିଛନ୍ତି। ମାନସିକ ପୂରଣ ଲାଗି ଶତାଧିକ ମହିଳା ପୋଖରୀ ତୁଠରେ ଅଧିଆ ପଡିଥିଲେ। ଗୌଡପୁଞ୍ଜା କାଳୀମନ୍ଦିର ଉନ୍ନୟନ କମିଟି ପକ୍ଷରୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିବା ବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପଣା ଦିଆଯାଇଥିଲା।

**ଛତ୍ରପୁର,(ଦିଲୀପ ସାମଲ):** ଛତ୍ରପୁର ବ୍ଲକର ବିଭିନ୍ନ ଗ୍ରାମରେ ମେରୁ ଯାତ୍ରା ସମ୍ପନ୍ନ ହୋଇଛି । ଛତ୍ରପୁରସ୍ଥିତ ସୂର୍ଯ୍ୟନଗର ମା ଦକ୍ଷିଣ ଦଣ୍ଡକାଳୀଙ୍କ ପୀଠ, ବିରେଶ୍ୱର ଦକ୍ଷିଣକାଳୀ ଏବଂ ଛତ୍ରପୁର ବ୍ଲକ ଅନ୍ତର୍ଗତ ସୀତାନଗର, କୁମାରବେଗପଲ୍ଲୀ, ଲଣ୍ଡାବାଉଁଶ, ନନ୍ଦପଣ୍ଡାପଲ୍ଲୀ, କମାପଲ୍ଲୀ, ସିନ୍ଦିରାପଲ୍ଲୀ, କେରାଣ୍ଡିତୋଳା, ବିପୁଲିଙ୍ଗି ସମେତ ବିଭିନ୍ନ ଅଞ୍ଚଳରେ ଦଣ୍ଡଯାତ୍ରା ସରିଛି।

**ଧରାକୋଟ,(ବିଷ୍ଣୁ କେଶରୀ ଆଚାର୍ଯ୍ୟ):** ଧରାକୋଟ, ମୁଣ୍ଡମରାଇ, ସୁନାପଲି, ଲକ୍ଷ୍ମୀପୁର, ପଙ୍କଳବାଡି, ବରଡାବିଲି, କାନଗିରିଡି, ମାଣିକପୁର, ପଣିବନ୍ଧ ଓ ଜାହାଡାରେ ମା କାଳୀଙ୍କ ଦଣ୍ଡଯାତ୍ରା ମେରୁ ପର୍ବ ରେ ଉଦ୍ୟାପିତ ହୋଇଛି। ଶେଷ ଦିନ ରୀତି ନୀତି ଅନୁଯାୟୀ ପାଳନ କରାଯାଇଛି ।

**ଶେରଗଡ଼(ସୂର୍ଯ୍ୟ ନାରାୟଣ ଦାଶ):** ଶେରଗଡ଼ ବ୍ଲକର ଅଲାରିଗଡ, ପିତ୍ତଳ, କୁରୁଳା,ଡେଙ୍ଗାପଦର, ଧଳପୁର, ଖିରିଡା,ରମୁଣ୍ଡଳି, କୁଲାଗଡ ସହ ୧୦ ଗ୍ରାମର ଦଣ୍ଡ ଦଳ କାମନା ଦଣ୍ଡ ସାରି ମଙ୍ଗଳବାର ନିଜ ଗ୍ରାମକୁ ଫେରିଛନ୍ତି। ନିଜ ଗ୍ରାମରେ ମେରୁ ପଡ଼ିଆ ପର୍ଯ୍ୟନ୍ତ ପଟୁଆରରେ ଆସିବା ପରେ ମେରୁ ଯାତ୍ରା ସମାପନ ହୋଇଛି। ଗ୍ରାମବାସୀ ମା' କାଳୀଙ୍କୁ ଉତ୍ତରୀୟ ପ୍ରଦାନ କରି ମେରୁ ପଡ଼ିଆକୁ ଆମନ୍ତ୍ରଣ କରିଥିଲେ। ପରେ ୧୦ ଗ୍ରାମର ସମସ୍ତ ୧୭ଶହ ଦଣ୍ଡୁଆ ମେରୁ ପୋଖରୀରେ ଜଳ ଦଣ୍ଡ ଭାଙ୍ଗିବାକୁ ଯାଇଥିଲେ। ସେଠାରୁ ମେରୁ ପଡିଆକୁ ଫେରିବା ପରେ ମାଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପାଟ ଦଣ୍ଡୁଆ ପିଞ୍ଛ ମୁଠା ଧରି ପଡ଼ିଆ ପରିକ୍ରମା କରିଥିଲେ। ସେହି ଦଣ୍ଡ ପରେ ଆରମ୍ଭ ହୋଇଥିଲା ନଡିଆ ପିଟା। ନଡ଼ିଆ ପିଟା ପରେ ଦଣ୍ଡୁଆ ମନ୍ଦିରରେ ପ୍ରବେଶ କରିଥିଲେ।

**ବୁଗୁଡ଼ା,(କାଳିଚରଣ ଦାଶ):** ବୁଗୁଡା ସମେତ ତାଳସାକର, ଡାକରାବାଡି, ଚିରିକିପଡା, ମରାଇପଲ୍ଲୀ, ଗୋଲିଆ, ଭାମଶ୍ୟାଳି, ପଙ୍କଳବାଡି, ଆଶ୍ରମ କରଡ଼ାବାଡ଼ି, ପୋଚାଲୁଣ୍ଡି, ବକ୍ସିପଲ୍ଲୀ, ବଣପଲ୍ଲୀ, ପାଣିକେଶର, ଭାବସର, ଚିଲିଖମା ଓ କାନନକୁଟୀର ଆଦି ଗ୍ରାମରେ ସଂକ୍ରାନ୍ତି ମେରୁ ପର୍ବ ଅନୁଷ୍ଠିତ ହୋଇଯାଇଛି। ମେରୁ ମଣ୍ଡପଠାରେ ଅଘୋର ତପ ହୋଇଥିଲା।ବିଭିନ୍ନ ସ୍ଥାନରେ ପଣା ବଣ୍ଟନ ହୋଇଥିଲା।

**ଗଞ୍ଜାମ,(ବିଦ୍ୟାଧର ସାହୁ):** ମା ଦଣ୍ଡ କାଳୀ ଗାଁ ଗାଁ ବୁଲି ମାନସିକ ଧାରୀଙ୍କ ଦାଣ୍ଡରେ ଦଣ୍ଡ ବିଧାନ ପରେ ଦାମୋଦରପୁର କଲେଜ ରୋଡ଼ ସ୍ଥିତ ନିଜ ମନ୍ଦିରକୁ ଫେରିଛନ୍ତି ମା ଦକ୍ଷିଣ କାଳୀ। ମଙ୍ଗଳବାର ଏଠାରେ ମେରୁ ଯାତ୍ରା ଅନୁଷ୍ଠିତ ହୋଇଛି। ମା ଦକ୍ଷିଣ କାଳୀ ନାଟ୍ୟ ସଂସଦ ଅଧିକାରୀ ଭିମା ରେଡି, ମୁଖ୍ୟ ପରିଚାଳକ ପ୍ରଭାତ ସାହୁ ପ୍ରମୁଖ କାର୍ଯକ୍ରମ ପରିଚାଳନା କରୁଥିଲେ।

### ପାରଳାରେ ପଣାସଂକ୍ରାନ୍ତି, ସରିଲା ଦଣ୍ଡଯାତ୍ରା

ପାରଳାଖେମୁଣ୍ଡି, ୧୪।୪
(ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡିଠାରେ ବିଷୁବ ସଂକ୍ରାନ୍ତି ତଥା ଓଡିଆ ନବବର୍ଷ ଏବଂ ପଣାସଂକ୍ରାନ୍ତି ପାଳିତ ହୋଇଛି। ଏହି ଅବସରରେ ମହାବୀର ଜୟନ୍ତୀ ମଧ୍ୟ ବିଭିନ୍ନ ଅନୁଷ୍ଠାନ ଓ ମନ୍ଦିରମାନଙ୍କରେ ପାଳନ ହୋଇଛି। ସହରର ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା, ୧୦୮ ହନୁମାନ ଚାଳିଶା ପାଠ, ପଣା ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା । ଓଡିଆ ନବବର୍ଷରେ ଲୋକେ ନିଜ ନିଜ ମଧ୍ୟରେ ଅଭିନନ୍ଦନ ବାର୍ତ୍ତା ଦେଉଥିବାର ଦେଖିବାକୁ ମିଳିଥିଲା । ରେଳଷ୍ଟେସନ ନିକଟରେ ଥିବା ହନୁମାନ ମନ୍ଦିରରେ ୩ ଦିନ ଧରି ବିଶ୍ୱ କଲ୍ୟାଣ ଯଜ୍ଞ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମନ୍ଦିର ପୂଜକ ଶଙ୍କର ରଥ, ସୁଦର୍ଶନ ତ୍ରିପାଠୀ, ସନ୍ତୋଷ ତ୍ରିପାଠୀ, ବଳି ପ୍ରସାଦ ଦାଶ, ତାରିଣୀ ଚରଣ ତ୍ରିପାଠୀ, ଜଗନ୍ନାଥ ରଥ ଶର୍ମା, ପ୍ରବୀଣ ଷଡ଼ଙ୍ଗୀ, ବାସନ୍ତୀ ପରିଚ୍ଛା ସାମିଲ ହୋଇଥିଲେ।

ଅନ୍ୟପକ୍ଷରେ ପାରଳାଖେମୁଣ୍ଡି ସହରରେ ଥିବା ମା' ଶ୍ୟାମାକାଳୀଙ୍କ ପାରମ୍ପରିକ ୧୪ ଦିନିଆ ଦଣ୍ଡଯାତ୍ରା ମଙ୍ଗଳବାର ସରିଛି। ଶେଷ ଦିବସରେ ମନ୍ଦିରରେ ପୂଜାବିଧି କରାଯିବା ସହ ଧୂଳିଦଣ୍ଡ, ପାଣିଦଣ୍ଡ ଓ ମେରୁ ମଣ୍ଡପରେ ହୋମ କରାଯାଇ କାଳୀସିଙ୍କୁ ସ୍ନାନ କରାଯିବା ପରେ ଝାମୁ ଯାତ୍ରା ହୋଇଥିଲା। ଝାମୁ ଖୁଣ୍ଟରେ ବନ୍ଧା ଯାଇଥିବା ଫଳ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଫିଙ୍ଗା ଯାଇଥିଲା। ମନ୍ଦିର ପୂଜକ ମନୁ ପଟ୍ଟନାୟକ ଦଣ୍ଡଯାତ୍ରାର ପୂଜାର୍ଚ୍ଚନା କରିଥିଲେ।

## ସମ୍ବିଧାନ ଆମକୁ ସମସ୍ତ ପ୍ରକାର ସ୍ୱାଧୀନତା ଦେଇଛି

### ଆମ୍ବେଡକରଙ୍କ ଗଞ୍ଜାମ ଜିଲାସ୍ତରୀୟ ଜୟନ୍ତୀ

ଛତ୍ରପୁର,୧୪।୪(ଦିଲୀପ ସାମଲ)

ଭାରତୀୟ ସମ୍ବିଧାନର ପ୍ରଣେତା, ସାମାଜିକ ସମାନତା ଓ ନ୍ୟାୟର ସଂଗ୍ରାମୀ, ଅବହେଳିତଙ୍କ ଅଧିକାରର ସ୍ୱର, ଶିକ୍ଷାର ମହତ୍ତ୍ୱର ପ୍ରଚାରକ ଭାରତରତ୍ନ ବାବା ସାହେବ ଡ. ଭୀମ ରାଓ ରାମଜୀ ଆମ୍ବେଡକରଙ୍କ ୧୩୬ତମ ଗଞ୍ଜାମ ଜିଲାସ୍ତରୀୟ ଜୟନ୍ତୀ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି ଯୋଗଦେଇ କହିଥିଲେ, ଆମ୍ବେଡକର ନିଜର ପାଣ୍ଡିତ୍ୟ, ବିଚକ୍ଷଣ ବୁଦ୍ଧି ଓ ଅନ୍ୟ ଜ୍ଞାନୀଗୁଣି ବ୍ୟକ୍ତିଙ୍କ ସହଯୋଗରେ ବିଶ୍ୱର ସର୍ବବୃହତ୍ ଲିଖିତ ସମ୍ବିଧାନ ପ୍ରସ୍ତୁତି କାର୍ଯ୍ୟ ସୂଚାରୁରୂପେ ସଂପାଦନ କରିଥିଲେ । ସେହି ସମ୍ବିଧାନ ଆମକୁ ସମସ୍ତ ପ୍ରକାର ସ୍ୱାଧୀନତା ଓ ସମତା ପ୍ରଦାନ



କରିଛି ବୋଲି କହିଥିଲେ। ଛାତ୍ରୀଛାତ୍ର ଜଣେ ଜଣେ ଭଲ ମଣିଷ ହେବାକୁ ସେ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଆମ ସମ୍ବିଧାନ ଆମକୁ ଭାରତୀୟ ନାଗରିକ ରୂପେ ପରିଚୟ ଦେଇଥାଏ । ଆଜି ବି ସମାଜରେ ଅସମାନତା ରହିଛି, ତାହାକୁ ଆଜିର ଯୁବପିଢି ଦୂର କରିବାକୁ ସେ ଆହ୍ୱାନ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତଥା ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ସୁନୀଲ କୁମାର କେର୍କେଟା, ଅନ୍ୟତମ ଅତିଥି ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଓ ଏନ. ନାରାୟଣ ରେଡ୍ଡୀ ଯୋଗଦେଇ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଡକରଙ୍କ ସ୍ମୃତି ଚାରଣ କରିଥିଲେ । ମୁଖ୍ୟବକ୍ତା ଭାବେ ୟୁରୋ ସ୍କୁଲର ମୁଖ୍ୟ ରଞ୍ଜନ ମହାପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ଡଃ ଆମ୍ବେଡକରଙ୍କ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଆମ୍ବେଡକରଙ୍କ ଜୟନ୍ତୀ ସମାରୋହ ନିମନ୍ତେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ କରାଯାଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜନକ ତରାଇ, ପ୍ରଶାନ୍ତ ଶତପଥି, ସୟଦ ମୁକ୍ତାର, ଦିଲ୍ଲୀପ ପଲ୍ଲାଇଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଓଡ଼ିଆ ନବବର୍ଷ ପାଳିଲା ଜିଲା ପ୍ରଶାସନ



ଛତ୍ରପୁର,୧୪।୪(ଦିଲୀପ ସାମଲ)

ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ନବବର୍ଷ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିସହ ଏପ୍ରିଲ ପହିଲାରୁ ଆରମ୍ଭ ହୋଇ ମଙ୍ଗଳବାର ପଣା ସଂକ୍ରାନ୍ତରେ ସରିଥିବା ଓଡିଆ ପକ୍ଷ ଓଡିଆ ଭାଷା, ସାହିତ୍ୟ, ଅସ୍ମିତା, ସଂସ୍କୃତି ଓ ସ୍ୱନ୍ତ୍ରତାର ପୁନଃଜାଗରଣ ଓ କରିବାରେ ସକ୍ଷମ ହୋଇଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତଥା ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ସୁନୀଲ କୁମାର କେର୍କେଟା ଯୋଗଦେଇ ନୂଆବର୍ଷ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି ନେଇଆସୁ ବୋଲି କାମନା କରିବା ସହିତ ମାତୃଭୂମି, ମାତୃଭାଷାକୁ ନେଇ ଆମେ ଗର୍ବ କରିବା ଉଚିତ ବୋଲି କହିଥିଲେ । ଓରମାସ ଡେପୁଟି ସିଇଓ ରାଜ ଗୋପାଳ ଦାଶ, ଜିଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ବହୁ ଅଧିକାରୀ ଏବଂ କର୍ମଚାରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ଲୋକଙ୍କୁ ସଚେତନକଲେ ଅଗ୍ନିଶମ କର୍ମଚାରୀ

### ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳିତ



ଦାରିଙ୍ଗବାଡି, ୧୪।୪ (ଅରୁଣ ସାହୁ)

ଜାତୀୟ ଅଗ୍ନିଶମ ସେବା ସପ୍ତାହ ଅବସରରେ ଦାରିଙ୍ଗବାଡି ଅଗ୍ନିଶମ ବିଭାଗ ପକ୍ଷରୁ ମଙ୍ଗଳବାର ବ୍ଲକର ପ୍ରତି ଗାଁରେ ସଚେତନ ପାଇଁ କର୍ମଚାରୀ ଅଣ୍ଟା ଭିଡ଼ିଛନ୍ତି। ଅଗ୍ନିଶମ ଅଧିକାରୀ ଧବଳେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ କାର୍ଯ୍ୟାଳୟ ପରିସରରେ ଲୋକଙ୍କୁ ସଚେତନ କରିଥିଲେ। ରନ୍ଧନ ଗ୍ୟାସରେ ନିଆଁ ଲାଗିଲେ କିଭଳି ଲିଭାଇବାକୁ ପଦକ୍ଷେପ ଗ୍ରହଣ କରାଯିବ, ନିଆଁ ବ୍ୟାପିବା ଓ ବିପଦକୁ କିପରି ରୋକାଯାଇପାରିବ ସେନେଇ ଉପସ୍ଥିତ ଲୋକମାନଙ୍କୁ ସଚେତନ କରିଥିଲେ। ବିଭାଗ ପ୍ରତି ଗାଁର ଜନଗହଳି ସ୍ଥାନରେ ଲୋକଙ୍କୁ ସଚେତନ କରିଆସୁଥିବା ବେଳେ ଆଗାମୀ ଦିନରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ବୋଲି ପ୍ରଧାନ କହିଛନ୍ତି।

### ଅଗ୍ନିଶମ ବାହିନୀର ସେବା ସପ୍ତାହ ପାଳନ

ପାରଳାଖେମୁଣ୍ଡି, ୧୪।୪
(ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡିଠାରେ ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ମଙ୍ଗଳବାରଠାରୁ ସେବା ସପ୍ତାହ ପାଳନ କରାଯାଇଛି। କର୍ମଚାରୀମାନେ ସହର ପରିକ୍ରମା କରି ବିଭିନ୍ନ ସ୍ଥାନରେ ଅଗ୍ନିଶମ ସେବା ସପ୍ତାହର ଆଭିମୁଖ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇ ବିଭିନ୍ନ ଅଗ୍ନିକାଣ୍ଡରୁ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେନେଇ ବୁଝାଇଥିଲେ। ସହକାରୀ ଅଗ୍ନିଶମ ଅଧିକାରୀ ଧୀରେନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହିକାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ।

## ଆମ୍ବେଡକରଙ୍କ ଜୟନ୍ତୀରେ ବାଇକ୍ ରାଲି

ରମ୍ଭା/ବେଲଗୁଣ୍ଠା, ୧୪।୪ (ବନବାସୀ ସେଠୀ /କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବିରୁଳି ତାଲୁକା ବାଉରୀ ସମାଜ ପକ୍ଷରୁ ଡ଼. ଭୀମ ରାଓ ଆମ୍ବେଡକରଙ୍କ ଜୟନ୍ତୀରେ ବାଇକ ରାଲି ହୋଇଥିଲା। ଆଇନଜୀବୀ ସୁମା ଦାସ ଓ ବିଜୟ କୁମାର ସ୍ୱାଇଁଙ୍କ ଅଧକ୍ଷତା ଏବଂ ଆଇନଜୀବୀ ମଧୁସୂଦନ ସେଠୀ, ଜଗନ୍ନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବାଇକ ରାଲି ଛକାସିଙ୍ଗ ଠାରୁ ବାହାରି କହେଁଇପୁର, ଖଲ୍ଲିକୋଟ ସହର ପର୍ଯ୍ୟନ୍ତ ଯାଇଥିଲା। ସେହି ସମୟରେ ଆଉ ଏକ ବାଇକ ରାଲି ହୁମ୍ମା, ଶତ୍ରୁସୋଲ ଠାରୁ ବାହାରି ଛୋଟବସା, ଖଣ୍ଡଦେଉଳି ହୋଇ ଯାଇଥିଲା। ୨ ବାଇକ ରାଲି ମିଶି ଖଲ୍ଲିକୋଟ ଦେଇ ରମ୍ଭା ସହର ସ୍ଥିତ ଦାଣ୍ଡିଯାତ୍ରା ପ୍ରତିମୂର୍ତ୍ତି ମଣ୍ଡପରେ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ପରେ ଶପଥ ପାଠ ହୋଇଥିଲା। ଜଳ, ଜମି, ଜଙ୍ଗଲ ପଟ୍ଟା ପାଇଁ ସରକାରଙ୍କୁ ଦାବି କରାଯାଇଥିଲା। ସିଜିମାଳି ପର୍ବତ ଠାରେ ଆଦିବାସୀ ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ନିନ୍ଦାକରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଲିରେ ୫୦୦ରୁ ଊର୍ଦ୍ଧ୍ୱ ବାଇକରେ ବହୁ ଦଳିତ ସମ୍ପ୍ରଦାୟର ମହିଳା ପୁରୁଷ ଆସିଥିଲେ।

ସେହିପରି ଘୁମୁସର ତାଲୁକା ହାଡ଼ି ସମାଜ ସଭାପତି ତଥା ଆମ୍ବେଡକର ବିଚାର ମଞ୍ଚ ରାଜ୍ୟ ସଭାପତି ପଞ୍ଚାନନ ନାୟକଙ୍କ ନେତୃତ୍ୱରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଧାକୃଷ୍ଣ ପାଠାଗାର ସଭାପତି ନିରଞ୍ଜନ ପ୍ରଧାନ, ମୁଖ୍ୟବକ୍ତା ରାଧାକୃଷ୍ଣ ପାଠାଗାର ଉପସଭାପତି ପଦ୍ମଚରଣ ପ୍ରଧାନ, ସ୍ୱତନ୍ତ୍ର ଅତିଥି ଭାବେ ଆଣ୍ଡମାନ ନିକୋବର ଦ୍ୱୀପପୁଞ୍ଜର ସମାଜସେବୀ ଶେଖର କୁମାର, ସମ୍ମାନିତ ଅତିଥି ଭାବେ ଭଞ୍ଜନଗର ଓକିଲ ସଂଘ ପୂର୍ବତନ ସଭାପତି ଅଭିମନ୍ୟୁ ଗୌଡ଼, ପାଇଲିପଡା ମୁଠା ହାଡ଼ି ସମାଜ ସଭାପତି ପବିତ୍ର ନାୟକ, ସୁବାସ ନାୟକ ପ୍ରମୁଖ ଉପସ୍ଥିତ ରହି ଆମ୍ବେଦକରଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ବେଲଗୁଣ୍ଠା ବ୍ଲକ ଉଡୁରା ଗ୍ରାମରେ ରାଲି ସରିଥିଲା। ବିଚାରମଞ୍ଚ ରାଜ୍ୟସଭାପତି ପଞ୍ଚାନନ ନାୟକ ଧନ୍ୟବାଦ ଦେଇଥିଲେ।



ରମ୍ଭାରେ ଶୋଭାଯାତ୍ରାରେ ସାମିଲ ହୋଇଥିବା ସଦସ୍ୟମାନେ ।

## ଆମ୍ବେଡକରଙ୍କ ଜୀବନୀ, ସମାଜ ସଂସ୍କାରକୁ ସ୍ମରଣ କଲେ ଅତିଥି

ପାରଳାଖେମୁଣ୍ଡି/କାଶୀନଗର/ ରାମଗିରି,୧୪।୪ (ଗିରିଧାରୀ ପରିଚ୍ଛା/ ପି.ମୁରଲୀ/ ବୃନ୍ଦାବନ ଗୌଡ଼)-

ଗଜପତି ଜିଲାରେ ଭାରତରତ୍ନ ବାବା ସାହେବ ଡ.ଭୀମାରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଛି। ପାରଳାଖେମୁଣ୍ଡିଠାରେ ଜିଲାସ୍ତରରେ ଜୟନ୍ତୀ ପାଳନ ହୋଇଛି। ନୂଆ ବସ୍‌ଷ୍ଟାଣ୍ଡଠାରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ମୁନିନ୍ଦ୍ର ହୋନନାଗା, ପୌର ଅଧକ୍ଷା ନିର୍ମଳା ସେଠୀ, ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ମାଲ୍ୟାର୍ପଣ କରିଥିଲେ। ଆମ୍ବେଡକର ଭାରତୀୟ ସମ୍ବିଧାନ ପ୍ରସ୍ତୁତ କରିଥିଲେ। ତାଙ୍କ ସଂଘର୍ଷମୟ ଜୀବନୀ, କାର୍ଯ୍ୟାବଳୀ, ବିଭିନ୍ନତା, ରାଜନୈତିକ, ଅର୍ଥନୈତିକ, ଦାର୍ଶନିକ, ସମାଜ ସଂସ୍କାର ଆଦି କାର୍ଯ୍ୟକୁ ଅତିଥିମାନେ ସ୍ମରଣ କରିଥିଲେ। ଏହି ପରିପ୍ରେକ୍ଷିରେ ଏକ ଶୋଭାଯାତ୍ରା ସ୍ଥାନୀୟ ଦଣ୍ଡମାଳା ସାହି ଠାରୁ ନୂତନ ବସଷ୍ଟାଣ୍ଡ ପର୍ଯ୍ୟନ୍ତ କରାଯାଇଥିଲା।



ସେହିପରି କାଶୀନଗରର ଆମ୍ବେଡକର ଯୁବସେନା ପକ୍ଷରୁ ଆମ୍ବେଡକର ଜୟନ୍ତୀ ପାଳିତ ହୋଇଛି। ଏନଏସି ଅଧକ୍ଷା ଏମ. ସୁଧାରାଣୀ ମୁଖ୍ୟଅତିଥି, ବିଡିଓ ଡମ୍ବରୁଧର ମଲ୍ଲିକ, ଥାନା ଅଧିକାରୀ ତ୍ରିନାଥ ସେଠୀ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଆମ୍ବେଡକରଙ୍କ ସଂଘର୍ଷମୟ ଜୀବନ ଉପରେ ଆଲୋକପାତ କରିଥିଲେ। କାଉନସିଲର କେ. ରାମା ରାଓ, କେ. ଜୀବରତ୍ନମ, ଭି. ଚଲପତି, ଏମ . ପ୍ରବୀଣ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଆର. ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତସ୍ଥିତ ଡ଼ଃ.ବି. ଆର ଆମ୍ବେଡକର ଜାତୀୟ ସ୍ନାତକ ମହାବିଦ୍ୟାଳୟରେ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱନାଥ ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଦଳାଇ, ବିଧାୟକ ପ୍ରତିନିଧି ଗୋପାଳ କୃଷ୍ଣ ଦଳାଇ, ବିଦ୍ୟାଳୟ ଶୁଭଚିନ୍ତକ ବାଘସିଂ ମଣ୍ଡଳ, ବନମାଳୀ ଶବର, ରାମଗିରି ନାଏବ ସରପଞ୍ଚ ରାଜେନ୍ଦ୍ର କୁମାର ମାଝୀ, ମଙ୍ଗରାଜପୁର ସରପଞ୍ଚ ଶ୍ରୀଧର ପ୍ରଧାନ, ପରିଚଳନା କମିଟି ସଦସ୍ୟା ଏଲ. ଇନ୍ଦୁମତୀ, ଶିକ୍ଷକମାନଙ୍କ ସହ ମାନ୍ୟଗଣ୍ୟ ବ୍ୟକ୍ତି ମଞ୍ଚାସିନ ରହିଥିଲେ। ଅତିଥି ମାନଙ୍କ ଦ୍ୱାରା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ବିଦ୍ୟାର୍ଥୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା।

## ଜିଲାସ୍ତରୀୟ ସି.ଏମ୍. କପ୍ ପଞ୍ଚମ ଦିନରେ

ବ୍ରହ୍ମପୁର,୧୪।୪(ସୁବାସ ଚନ୍ଦ୍ର ପାଢ଼ୀ)
ମହାତ୍ମାଗାନ୍ଧୀ ଷ୍ଟାଡିୟମ ଠାରେ ଚାଲିଥିବା ସି.ଏମ୍ କପ୍‌ର ମଙ୍ଗଳବାର ୫ମ ଦିନ ଫୁଟବଲର ପ୍ରଥମ ମ୍ୟାଚ ଖେମୁଣ୍ଡି ଏଫ. ସି ବାଳିକା ଓ ଡ଼ି.ଏ.ଭି ସ୍କୁଲ ବାଳିକା ବର୍ଗ ମଧ୍ୟରେ ହୋଇଥିଲା । ମ୍ୟାଚ ଡ୍ର ହୋଇଥିଲା। ଦ୍ୱିତୀୟ ମ୍ୟାଚ ଓ. ଏ. ଭି ସିଦ୍ଧେଶ୍ୱର ସ୍କୁଲ ବାଳିକା ଦଳ ଓ ସେଣ୍ଟ ଜାଭିଅର ହାଇସ୍କୁଲ ମଧ୍ୟରେ ଆମ୍ବପୁଆ ମଧ୍ୟରେ ଖେଳା ଯାଇଥିଲା, ଓ. ଏ. ଭି ୧ –୦ ଗୋଲରେ ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚର ଅତିଥି ଥିଲେ ଡ. ଶଶାଙ୍କ ସ୍ୱରୂପ। ଦ୍ୱିତୀୟ ମ୍ୟାଚରେ ଡି.ଆପା ରାଓ ଅତିଥି ଥିଲେ। ଜିଲା କ୍ରୀଡା ସଂଘ ସଦସ୍ୟ ଓ ବରିଷ୍ଠ ଖେଳାଳି ଏଲ. କେ ରାଓ, ଡି. ଆପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ ଉପସ୍ଥିତ ଥିଲେ। ରଂଜିତ ପାତ୍ର, ରମେଶ ବେହେରା, ବିଶ୍ୱନାଥ ପାତ୍ର ଏବଂ ମ୍ୟାଚ କମିସନର ସୁଜିତ ପାତ୍ର ମ୍ୟାଚ ପରିଚାଳନା କରିଥିଲେ।

# ବିପର୍ଯ୍ୟୟ ବେଳେ ଅଗ୍ନିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବ୍ରହ୍ମପୁର,୧୪।୪(ସୁବାସ ଚନ୍ଦ୍ର ପାଢ଼ୀ)
ଦକ୍ଷିଣାଞ୍ଚଳ ଅଗ୍ନିଶମ ବାହିନୀ ପକ୍ଷରୁ ଗୋପାଳପୁର ସ୍ଥିତ ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀଙ୍କ କାର୍ଯ୍ୟାଳୟରେ ୮୨ତମ ଅଗ୍ନିଶମ ସେବା ସପ୍ତାହ ଓ ସହୀଦ ଦିବସ ପାଳନ ହୋଇଛି। ଏହି ଅବସରରେ ଅଗ୍ନିଶମ ବାହିନୀ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ରାସ୍ତାରେ ଅଗ୍ନିକାଣ୍ଡ କିପରି ରୋକାଯାଇପାରିବ ସେ ନେଇ ସଚେତନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରେଞ୍ଜ ଅଗ୍ନିଶମ ଅଧିକାରୀ ବିଚିତ୍ର କୁମାର ପଣ୍ଡା ଯୋଗଦେଇ କହିଥିଲେ ଯେ, ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଗ୍ନିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ଅକ୍ଲାନ୍ତ ପରିଶ୍ରମ ଫଳରେ ଅନେକ ଧନ ଜୀବନ ରକ୍ଷା ପାଉଛି। ତେଣୁ ତାଙ୍କ କାର୍ଯ୍ୟ ସର୍ବଦା ପ୍ରଶଂସନୀୟ ବୋଲି କହିଥିଲେ।


ଶହୀଦ ସ୍ତମ୍ଭ ନିକଟରେ ଉପସ୍ଥିତ ଅଗ୍ନିଶମ ବିଭାଗର କର୍ମଚାରୀ।

ଅଗ୍ନିଶମ ଅଧିକାରୀ ଓ କର୍ମଚାରୀ ମାନଙ୍କ ଦ୍ୱାରା ଅନୁଷ୍ଠିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ରାଜ୍ୟରେ ରହିଥିବା ବିଭିନ୍ନ ବିଭାଗ ମଧ୍ୟରୁ ଅଗ୍ନିଶମ ବିଭାଗର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବିଷୟରେ ଅବଗତ କରିଥିଲେ। ମେଡ଼ିକାଲ ହେଉ ଅଥବା ସପିଂ ମଲ ହେଉ ଯେଉଁଠାରେ ମଧ୍ୟ ଅଗ୍ନିକାଣ୍ଡ ଘଟିଲେ ନିଜ ଜୀବନକୁ ବାଜି ଲଗାଇ ନିଆଁକୁ ଆୟତ୍ତ କରିବାରେ ସେମାନେ ସିଦ୍ଧହସ୍ତ। ଅଗ୍ନିକାଣ୍ଡରୁ କିଭଳି ନିଜକୁ ବଞ୍ଚାଇବେ ଓ ଅଗ୍ନିକାଣ୍ଡ ହେବାରୁ କିଭଳି ରକ୍ଷା ପାଇବେ ସେ ନେଇ ବିଭିନ୍ନ କ୍ଷେତ୍ରରେ ଲୋକଙ୍କୁ ମକଡ୍ରିଲ ଜରିଆରେ ସଚେତନ କରାଯାଉଛି । ଆଗାମୀ ଦିନରେ ଏଭଳି କାର୍ଯ୍ୟ ଜାରି ରଖିବେ ବୋଲି ସେ କହିଥିଲେ। ଅଗ୍ନିକାଣ୍ଡରେ ଯେଉଁ ଅଗ୍ନିଶମ ଅଧିକାରୀ ଓ କର୍ମଚାରୀ ସହୀଦ ହୋଇଛନ୍ତି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ସମ୍ମାନନୀୟ ଅତିଥି ଭାବେ ରେଞ୍ଜ ଉପ ଅଗ୍ନିଶମ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି ଯୋଗ ଦେଇଥିଲେ। ଏପ୍ରିଲ ୧୪ ୧୯୪୪ ରେ ବମ୍ବେ ଡକୟାର୍ଡରେ ହୋଇଥିବା ଭୟାଭୟ ଅଗ୍ନିକାଣ୍ଡରେ ଭିକଟୋରିୟା ଜାହାଜରେ ଯାଉଥିବା ୨ଶହ ନାବିକ, ୬୫ ଅଗ୍ନିଶମ ଅଧିକାରୀଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କର ସ୍ମୃତିରେ ଶହୀଦ ଦିବସ ପାଳିବା ସହ ସେବା ସପ୍ତାହ ପାଳିତ ହୋଇଥିଲା। ସୁରକ୍ଷିତ ସ୍କୁଲ ଓ ହସ୍ପିଟାଲ ସାଙ୍ଗକୁ ସଭିଏଁ ମିଳିମିଶି ଆମ ସମାଜକୁ ଅଗ୍ନି ନିରାପତ୍ତା ପ୍ରଦାନ କରିବା ବାର୍ତ୍ତା ପହଞ୍ଚାଇବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ମୁଖ୍ୟ ଅତିଥି କହିଥିଲେ। ଅଗ୍ନିଶମ ଅଧିକାରୀ, ଧନଞ୍ଜୟ ମଲ୍ଲିକ, ଠାକୁର ପ୍ରସାଦ ଦଳାଇ, ଶିଶିର କାନ୍ତ ସିଂ, ଏସ.ଲୁକେଶ ମିଞ୍ଜ, ଜଗଦୀଶ ଖୋରା, ଡ଼ି.କିଷାନ ସମେତ ବହୁ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ ।

# ବିଭିନ୍ନ ସ୍ଥାନରେ ଆମ୍ବେଡକର ଜୟନ୍ତୀ


ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

ବ୍ରହ୍ମପୁର,୧୪।୪(ସୁବାସ ଚନ୍ଦ୍ର ପାଢ଼ୀ)
ମାନବବାଦୀ ହେତୁବାଦୀ ସଂଗଠନ ପକ୍ଷରୁ ଆମ୍ବେଡକରଙ୍କ ୧୩୬ ତମ ଜୟନ୍ତୀ ପାଳିତ ହୋଇଛି। ଶକ୍ତିନାଗର ୪ର୍ଥ ଲାଇନ ସ୍ଥିତ ସହୀଦ ଭଗତ ସିଂ ପାଠାଗାରରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଇଂ.ଟି.ରାଓ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ରାହୁଲ ଖିଲାର ଯୋଗଦେଇଥିଲେ। ସଙ୍ଗଠନର ସମ୍ପାଦକ କେ.ନନ୍ଦେଷୁ ସେନାପତି କହିଥିଲେ ଆମ୍ବେଡକର ପ୍ରଥମେ କର୍ମରତ ମହିଳା କର୍ମଚାରୀଙ୍କୁ ପ୍ରସବ କାଳୀନଛୁଟି ଦେବା ବ୍ୟବସ୍ଥା କରିଥିଲେ ଓ ହିନ୍ଦୁକୋଡ଼ ବିଲରେ ମହିଳାଙ୍କୁ ସମ୍ପତ୍ତିଗତ ଅଧିକାରର ବ୍ୟବସ୍ଥା କରିଥିଲେ । ସମାନ କାମକୁ ସମାନ ଦରମା ବ୍ୟବସ୍ଥା କରିଥିଲେ। ସଂଗଠନର ବହୁ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ସିପିଏମ ପକ୍ଷରୁ ଡିପୋ ସାହିଠାରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଏକ ପଥପ୍ରାନ୍ତ ସଭା କରାଯାଇଥିଲା। ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ଶିବପ୍ରସାଦ ମହାପାତ୍ର, ଗୋପାଳ ପାଣିଗ୍ରାହୀ,ଗୋକୁଳ ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ। ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଆମ୍ବେଡକର ଜୟନ୍ତୀରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ରାଜନିତୀ ବିଜ୍ଞାନ ଓ ଲୋକ ପ୍ରଶାସନ ବିଭାଗ ପକ୍ଷରୁ ସମସାମୟିକ ଭାରତରେ ଆମ୍ବେଡକରଙ୍କ ସାମାଜିକ ନ୍ୟାୟର ଦୃଷ୍ଟିକୋଣକୁ ପୁନଃପରୀକ୍ଷଣ କରିବା ଶୀର୍ଷକ ଉପରେ ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନିତୀ ବିଜ୍ଞାନର ପୂର୍ବତନ ପ୍ରଫେସର ଅମିୟ କୁମାର ପରିଚ୍ଛା ଯୋଗ ଦେଇ ଶୀର୍ଷକ ଉପରେ ମତ ରଖି ଥିଲେ । ରାଜନିତୀ ବିଭାଗ ମୁଖ୍ୟ ଡ. ଶାରଦା ପ୍ରସନ୍ନ ରାଉତ, ଇତିହାସ ବିଭାଗ ମୁଖ୍ୟ ଡ଼.ସଦାନନ୍ଦ ନାୟକ, ଲୋକ ପ୍ରଶାସନ ବିଭାଗ ସଂଯୋଜକ ସଂଜୟ ମେହେର, ଡ. ରାଜେଶ ସେଟ, ଡ. ଭାଗ୍ୟଶ୍ରୀ ରଥ, ଡ. ଦିଲ୍ଲୀପ କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୂଜ୍ୟପୂଜା ସମିତି ପକ୍ଷରୁ ଇଞ୍ଜିନିୟରିଙ୍ଗ ସ୍କୁଲ ଛକ ଆମ୍ବଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନୁଷ୍ଠିତ ସଭାରେ ଆମ୍ବେଦକରଙ୍କ ଜୀବନୀ ଆଲୋଚନା ହୋଇଥିଲା। ସୁରେନ୍ଦ୍ର ନାଥ ପଣ୍ଡା, ଆର୍. ସତ୍ୟନାରାୟଣ ରାଓ, ଗଗନ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଆଲୋକିତ ହେଲା ଛତ୍ରପୁର ଶିଶୁ ଉଦ୍ୟାନ

**ଧରିତ୍ରୀ ପ୍ରଭାବ**

ଛତ୍ରପୁର,୧୪।୪ (ଦିଲୀପ ସାମଲ):
ଛତ୍ରପୁର ଶିଶୁ ଉଦ୍ୟାନରେ ଲାଇଟ କାର୍ଯ୍ୟ କରୁ ନ ଥିବା ପଡ଼ିଛି ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ଶିଶୁ ଉଦ୍ୟାନକୁ ମଙ୍ଗଳବାର ଆଲୋକିତ କରାଯାଇଛି। ସଫେଇ କାର୍ଯ୍ୟ ମଧ୍ୟ କିଛି ମାତ୍ରାରେ ଆରମ୍ଭ ହୋଇଛି। ଅଭିଭାବକମାନେ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। ଛତ୍ରପୁର ଶିଶୁ ଉଦ୍ୟାନଟି ଅବହେଳିତ ଅବସ୍ଥାରେ ପଡ଼ି ରହିଥିଲା। ଆଲୋକିକରଣ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଲାଇଟ ଗୁଡ଼ିକ ଖରାପ ହୋଇ ପଡ଼ି ରହିଥିଲା। ଯାହା ଫଳରେ ଶିଶୁ ଓ ଅଭିଭାବକଙ୍କ ଭିତରେ ଅଜଣା ଭୟ ସୃଷ୍ଟି କରିଥିଲା। ଏହି ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଅଭିଭାବକମାନେ ଧନ୍ୟବାଦ ଦେବା ସହ ପ୍ରଶାସନ ପକ୍ଷରେ ଉଦ୍ୟାନର ସୌନ୍ଦର୍ଯ୍ୟକରଣ ଓ ଉନ୍ନତିକରଣ ଉପରେ ମଧ୍ୟ ଗୁରୁତ୍ୱ ଦେବା ପାଇଁ ନିବେଦନ କରିଛନ୍ତି।

# କଳିଙ୍ଗ ସାହିତ୍ୟ ସମାଜର ମହାବିଷୁବ ସମାବେଶ

ବ୍ରହ୍ମପୁର,୧୪।୪(ସୁବାସ ଚନ୍ଦ୍ର ପାଢ଼ୀ)
କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ମହା ବିଷୁବ ସମାବେଶ ଉତ୍କଳ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଛି। ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ଏଥିରେ ପୌରୋହିତ୍ୟ କରିଥିଲେ । ଆଲୋଚକ ଡ. ଲମ୍ବୋଦର ପାଣିଗ୍ରାହୀ ମୁଖ୍ୟଅତିଥି ରୂପେ ଯୋଗଦେଇ ମହାବିଷୁବ ସଂକ୍ରାନ୍ତିର ମହତ୍ତ୍ୱ ଓ ସାରସ୍ୱତ ସର୍ଜନାର ବହୁପାକ୍ଷିକ ଉପଯୋଗିତା ସଂପର୍କରେ କହିଥିଲେ । ବିଶିଷ୍ଟ ଅତିଥି ରୂପେ ଓଡ଼ିଶା ବିଧାନସଭାର ପ୍ରାକ୍ତନ ଉପ-ବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗଦେଇ ଭାଷା ଭିତ୍ତିରେ ଗଠିତ ଓଡ଼ିଶା ପ୍ରଦେଶର ପୃଷ୍ଠଭୂମି ସଂପର୍କରେ କହିଥିଲେ। ମୁଖ୍ୟବକ୍ତା ରୂପେ ପାରଳାଖେମୁଣ୍ଡି ମହିଳା କଲେଜ ଅଧ୍ୟକ୍ଷା ଡ. ରୀନା ସାହୁ ବିଷୁବ ସଂକ୍ରାନ୍ତି ଓଡ଼ିଆ ଜନଜୀବନର ଏକ ମହାନ ପର୍ବ କେବଳ


ଅତିଥିମାନେ ପୁସ୍ତକ ଲୋକାର୍ପିତ କରୁଛନ୍ତି।

ନୁହେଁ, ଓଡ଼ିଆ ଅସ୍ମିତାର ଆଦିବିନ୍ଦୁ ବୋଲି କହିଥିଲେ । ସମ୍ମାନନୀୟ ଅତିଥି ରୂପେ ଡ. କୃଷ୍ଣପ୍ରସାଦ ମହାପାତ୍ର, ଡ. ହରିକୃଷ୍ଣ ନାୟକ ଓ ଡ. ରମେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ବିଷୁବ ପାର୍ବଣ ଓ ଓଡ଼ିଆ ସାହିତ୍ୟ ମଧ୍ୟରେ ଋତୁଚକ୍ରୀୟ ସଂପର୍କ ଓ ସମନ୍ୱୟ ବିଷୟରେ ଚର୍ଚ୍ଚା କରିଥିଲେ । କାର୍ଯ୍ୟକାରୀ ସମିତିର ବରିଷ୍ଠ ସଦସ୍ୟ ଡ. କୁଳମଣି ଓଝା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ୱର୍ଣ୍ଣପ୍ରଭା ପାଢ଼ୀଙ୍କ ଲିଖିତ ଉପନ୍ୟାସ 'ନଈ' ଏବଂ ମନୋରମା ଦାଶଙ୍କ ରଚିତ ଭକ୍ତିକବିତା ସଂକଳନ 'ସମର୍ପଣ' ଲୋକାର୍ପିତ ହୋଇଥିଲା । ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଓ ସଂପାଦକ ଡ. ଶରତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ସମାବେଶ ଆୟୋଜିତ ହୋଇଥିଲା । ଡ. ସଞ୍ଜୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଓଲଟିଲା କୋରିଅର ଭ୍ୟାନ୍, ଡ୍ରାଇଭର ଆହତ

ଭଞ୍ଜନଗର, ୧୪।୪(ବାବୁଲା ପ୍ରଧାନ)
ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ତନର ସରନାଳ କେନାଲ ବ୍ରିଜ ନିକଟରେ ଏକ କୋରିଅର ଭ୍ୟାନ ଗାଡିଟି ମଙ୍ଗଳବାର ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଏଥିରେ ଗାଡ଼ିର ଚାଳକ ଆହତ ହୋଇଛନ୍ତି। କଟକରୁ ଅନଲାଇନ କୋରିଅର ସାମଗ୍ରୀକୁ ଭଞ୍ଜନଗରରେ ସୋମବାର ରାତିରେ ଡେଲିଭେରୀ ଦେବାପରେ ଗାଡ଼ିଟି ମଙ୍ଗଳବାର ସକାଳେ କଟକ ଫେରୁଥିଲା। ଏହି ସମୟରେ ଡ୍ରାଇଭରଙ୍କ ଆଖି ପଡ଼ିଯିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡ଼ିଥଲା । ଫଳରେ ଭ୍ୟାନ ଡ୍ରାଇଭର ରାକେଶ କୁମାର ବାରିକ ସାମାନ୍ୟ ଆହତ ହୋଇଥିଲେ ।

# ସବୁଠି ହନୁମାନଙ୍କୁ ଆରାଧନା



ବ୍ରହ୍ମପୁର,୧୪।୪(ସୁବାସ ଚନ୍ଦ୍ର ପାଢ଼ୀ)
ସହର ଓ ପୁରପଲ୍ଲୀରେ ମଙ୍ଗଳବାର ହନୁମାନ ଜୟନ୍ତୀ ପାଳିତ ହୋଇଛି। ସୁବଠି ହନୁମାନ ଚାଳିଶା ଗାନ କରାଯାଉଥିବା ଦେଖିବାକୁ ମିଳୁଛି। କରାପଲ୍ଲୀ ସ୍ଥିତ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ଅବସରରେ ୧୦୮ ହନୁମାନ ଚାଳିଶା, ପୂଜାର୍ଚ୍ଚନା ସହ ପଣା ବଣ୍ଟନ କରାଯାଇଥିଲା। ପୂଜକ ଲକ୍ଷ୍ମୀକାନ୍ତ ପାଢ଼ୀ ଓ କର୍ତ୍ତା ଏସ.ଧରାଜ ରେଡି,ପତ୍ନୀ ଏସ.ମେନକା ରେଡି ଉପସ୍ଥିତ ରହି ୧୦୮ ହନୁମାନ ଚାଳିଶା ପାଠ କରିଥିଲେ। କମିଟି ପକ୍ଷରୁ ସଭାପତି ଦିପୁ ବେହେରା,ସମ୍ପାଦକ ମହେଶ୍ୱର ଚୌଧୁରୀ, ଉପ ସଭାପତି ସୁବାଷ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ, ୱାଇ.ରାମମୂର୍ତ୍ତି, ରାଜେନ୍ଦ୍ର ଚୌଧୁରୀ, ଏନ.ମୋହନ,ଏସ.ଦୀନବନ୍ଧୁ ରେଡ଼ି, ସୋମନାଥ ପାତ୍ର, ଏମ.ରଘୁନାଥ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସେହିପରି କରାପଲ୍ଲି ଛକ, ରଙ୍ଗେଇଲୁଣ୍ଡା ହନୁମାନ ପ୍ରତିମୂର୍ତ୍ତି ଠାରେ ୧୦୮ ହନୁମାନ ଚାଳିଶା ପାଠ ସହ ପଣା ବଣ୍ଟନ କରାଯାଇଥିଲା। ଗୋପାଳପୁର ମଧ୍ୟ ବିଭିନ୍ନ ସ୍ଥାନରେ ପଣା ବଣ୍ଟନ କହୋଇଥିଲା। ମାଣ୍ଡିଆପଲ୍ଲୀ ହନୁମାନ ମନ୍ଦିର ଜୟନ୍ତୀ ଉପଲକ୍ଷେ ଉତ୍ସବମୁଖର ହୋଇଥିଲା। ଗଜପତିନଗର ହନୁମାନ ମନ୍ଦିରରେ ପଣା ବଣ୍ଟନ ସହ ହନୁମାନ ଚାଳିଶା ପାଠ କରାଯାଇଥିଲା। କମିଟି ପକ୍ଷରୁ ଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଇଥିଲା।

# ଅତର୍କିତ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ଆସିକା,୧୪।୪(ସୁରେନ୍ଦ୍ର ନାଥ ସାହୁ )
ଗଞ୍ଜାମ ଜିଲା କୋଟିନାଡ଼ା ଥାନା ଅନ୍ତର୍ଗତ ଭେଟନଇ ଗ୍ରାମର ବଡ଼ ତୋଟା ନିକଟରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ଅତର୍କିତ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ସେହି ଗ୍ରାମର ଶିବ ନାହାକ (୩୫) । ତାଙ୍କ ଦେହ, ହାତ, ମୁହଁ, ପେଟ ଆଦି ଏକାଧିକ ସ୍ଥାନରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଛି। ଗୁରୁତର ଶିବଙ୍କୁ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୁରଟରେ ରହୁଥିବା ଶିବ ଗତ ୨/୩ ଦିନ ହେଲା କୁଆଡେ ଗାଁକୁ ଆସିଥିଲେ। ଏହି ଘଟଣା ଘଟିବା ପୂର୍ବରୁ ବଡ଼ ତୋଟା ନିକଟରେ ଅନ୍ୟ ଜଣେ ଯୁବକ ସହ ତାଙ୍କର ବଚସା ଓ ଯୁକ୍ତିତର୍କ ହୋଇଥିବା ଓ ପରବର୍ତ୍ତୀ ଅବସ୍ଥାରେ ସେ ଅତର୍କିତ ଆକ୍ରମଣର ଶିକାର ହୋଇଥିବା କୁହାଯାଉଛି । ହତ୍ୟାର କାରଣ ଓ ହତ୍ୟାକାରୀଙ୍କ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏଭଳି ହୋଇଥିବା ପୋଲିସ ଅନୁମାନ କରୁଛି । ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ କରୁଛି।

## ବିନାୟକ ଆଚାର୍ଯ୍ୟ କଲେଜରେ ପାଠଚକ୍ର

ବ୍ରହ୍ମପୁର,୧୪।୪(ସୁବାସ ଚନ୍ଦ୍ର ପାଢ଼ୀ)
ବିନାୟକ ଆଚାର୍ଯ୍ୟ କଲେଜରେ 'କଣ୍ଟେମ୍ପରାରୀ ରିଲେଭାନ୍ସ ଅଫ ଲିଟେରାରୀ ଥିଓରୀ' ଶୀର୍ଷକ ଏକ ପାଠଚକ୍ର ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ଡ. ଦେବରାଜ ସ୍ୱାଇଁ ପୌରୋହିତ୍ୟ କରିଥିଲେ । ରାମ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇଂରାଜୀ ପ୍ରାଧ୍ୟାପକ ଡ. ଗଗନ ବିହାରୀ ପୁରୋହିତ ମୁଖ୍ୟଅତିଥି ରୂପେ ଯୋଗଦେଇ ଇଂରାଜୀ ସାହିତ୍ୟରେ ବିଭିନ୍ନ ସାହିତ୍ୟିକ ତତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଅଧ୍ୟକ୍ଷ ଡ. ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ । ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ଓ ପ୍ରାଶାସନିକ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ସମ୍ମାନନୀୟ ଅତିଥି ରୂପେ ସାହିତ୍ୟରେ ତତ୍ତ୍ୱର ଅବତାରଣା ଇଚ୍ଛାକୃତ ନୁହେଁ ; ବରଂ ସ୍ୱତଃସ୍ଫୂର୍ତ୍ତ ବୋଲି ଉଲ୍ଲେଖ କରିଥିଲେ । ବିଭାଗୀୟ ମୁଖ୍ୟ ଡ. ଆନନ୍ଦ ସେଠୀ ଅତିଥି ପରିଚୟ ଦେଇଥିଲେ। ଡ. ଆର୍ତ୍ତତ୍ରାଣ ପାଣିଗ୍ରାହୀ, ଅଧ୍ୟାପିକା ସୁପ୍ରିୟା ଆଚାରୀ, ଅଧ୍ୟାପିକା ସୁସ୍ମିତା କୁମାରୀ ପାତ୍ର ଓ ଅଧ୍ୟାପକ ବି. ଅକ୍ଷୟ କୁମାର ରେଡ୍ଡୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ସୁପ୍ରିୟା ଆଚାରୀ ଧନ୍ୟବାଦ ଦେଇଥିଲେ।

## ମନ୍ଦାରମାଳିନୀ ବେଶରେ ଦର୍ଶନ ଦେଲେ ମା' ପାଟଖଣ୍ଡା



ବାଲିଗୁଡା,୧୪।୪
(ସଞ୍ଜୟ କୁମାର ପାଣିଗ୍ରାହୀ)
କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡାଙ୍କ ମନ୍ଦିର ପରିସରରେ ମହାବିଷୁବ ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ମା'ପାଟଖଣ୍ଡା ମନ୍ଦାର ମାଳିନୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପ୍ରତ୍ୟୁଷରୁ ମା'ଙ୍କ ରୀତିନୀତି ଓ ପୂଜାର୍ଚ୍ଚନା ପରେ ପରେ ମା'ଙ୍କ ଏହି ଦର୍ଲ୍ଲଭ ମନ୍ଦାର ମାଳିନୀ ବେଶ ହୋଇଥିଲା। ପ୍ରତ୍ୟୁଷରୁ ରାତ୍ର ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ମା'ଙ୍କ ଏହି ବେଶ ଦର୍ଶନ ପାଇଁ ଭିଡ ଲାଗି ରହିଥିଲା। ଏ ନେଇ ମନ୍ଦିର ପରିଚାଳନା କମିଟି ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା କରିଥିଲେ।

# ଦଣ୍ଡନାଚ ପ୍ରସାଦକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

## ଜଣେ ଆହତ, ଚାଲିଛି କୁଳ ବୈଠକ

ବ୍ରହ୍ମପୁର,୧୪।୪(ସୁବାସ ଚନ୍ଦ୍ର ପାଢ଼ୀ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀର ଏକ ସାହିରେ ସୋମବାର ବିଳମ୍ବିତ ରାତ୍ରରେ ଦଣ୍ଡନାଚ ପ୍ରସାଦକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଗୋଟିଏ ଗୋଷ୍ଠୀର ଆକ୍ରମଣରେ ଅନ୍ୟ ଗୋଷ୍ଠୀର ଜଣେ ଯୁବକ ଆହତ ହୋଇଛନ୍ତି । ଖବର ପାଇ ଉଭୟ ବୈଦ୍ୟନାଥପୁର ଓ ଗୋଷାଣିନୁଆଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସୂଚନାପ୍ରକାରେ, ସୋମବାର ରାତିରେ ଲାଞ୍ଜିପଲ୍ଲୀ ଅଞ୍ଚଳରେ ସାହିବାସିନ୍ଦା ପକ୍ଷରୁ ମିଳିତ ଭାବେ ଦଣ୍ଡନାଚ ଆୟୋଜନ କରାଯାଇଥିଲା। ରାତି ପ୍ରାୟ ଗୋଟାଏ ବେଳେ ପ୍ରସାଦ ସେବନକୁ ନେଇ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ । ଏଥିରେ ଗୋଟିଏ ଗୋଷ୍ଠୀ ଉତକ୍ଷିପ୍ତ ହୋଇ ଅନ୍ୟ ଗୋଷ୍ଠୀ ଉପରେ ଖଣ୍ଡାରେ ଆକ୍ରମଣ କରିଥିଲେ । ଆକ୍ରମଣରେ ଜଣେ ଯୁବକ ଆହତ ହୋଇଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ଉଭୟ ପକ୍ଷକୁ ବୁଝାସୁଝା କରିଲା । ପରେ ଉଭୟ ପକ୍ଷ ମଧ୍ୟରେ ଆପୋଷ ବୁଝାମଣା ହୋଇ ବିଳମ୍ବିତ ରାତିରେ ନାଚ ପରିବେଷଣ କରାଯାଇଥିଲା। ଏହି ଘଟଣାକୁ ନେଇ ମଙ୍ଗଳବାର ସନ୍ଧ୍ୟାରେ ସାହିରେ ଥିବା ଏକ ମନ୍ଦିରରେ କୁଳ ସମାଜ ବୈଠକ ହୋଇ ମାମଲାର ସମାଧାନ କରାଯାଇଥିବା କୁହାଯାଇଛି। ଘଟଣାକୁ ନେଇ ପୋଲିସ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ହେଲେ ପୋଲିସ ଅଞ୍ଚଳରେ ଯେପରି ଅପ୍ରିତିକର ପରିସ୍ଥିତ ନ ଘଟିବ ସେଥି ଉପରେ ନଜର ରଖିଥିବା କହିଛି।

# ହନୁମାନ ଜୟନ୍ତୀ ପାଳିତ

ଛତ୍ରପୁର,୧୪।୪(ଦିଲୀପ ସାମଲ)
ଛତ୍ରପୁର ସହର ଓ ଆଖପାଖ ଅଞ୍ଚଳରେ ଶ୍ରୀଶ୍ରୀ ହନୁମାନ ଜୟନ୍ତୀ ଆନନ୍ଦ ଉଲ୍ଲାସର ସହ ମଙ୍ଗଳବାର ପାଳିତ ହୋଇଛି । ପୋତିଗୋପାଳପୁରସ୍ଥିତ ହନୁମାନ ଛକଠାରେ ମଧ୍ୟ ହନୁମାନଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଛକସ୍ଥିତ ହନୁମାନଙ୍କ ବିଗ୍ରହକୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ସହ ହୋମ, ସୂଜା ଓ ହନୁମାନ ଚାଳିଶା ପାଠ କରାଯାଇଛି । କର୍ତ୍ତା ଭାବେ ଛତ୍ରପୁର ନଗର ବିଜେଡି ସଭାପତି ରାଜୁବାବୁ ଓ ତାଙ୍କ ସ୍ତ୍ରୀ ଏବଂ ଅନ୍ୟତମ କର୍ତ୍ତା ଭାବେ କାଉନସିଲର ଟି. ଗଣେଶ ରେଡ୍ଡୀ ଓ ତାଙ୍କ ସ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ବହୁ ଶ୍ରଦ୍ଧାଳୁ ହନୁମାନଙ୍କ ପୂଜାର୍ଚ୍ଚନା କରିଥିଲେ।

**ଧରାକୋଟ, (ବିଷ୍ଣୁ କେଶରୀ ଆଚାର୍ଯ୍ୟ)** ଧରାକୋଟ ବ୍ଲକର ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ଓ ମେରୁ ପର୍ବ ପାଳନ ହୋଇଛି। ଧରାକୋଟସ୍ଥିତ ସିଦ୍ଧ ହନୁମାନ ମନ୍ଦିର, ବଡ଼ଦାଣ୍ଡ ସାହି ହନୁମାନ ମନ୍ଦିର, ଶାନ୍ତିଝରେ ସ୍ଥିତ ହନୁମାନ ବାଟିକା, ବ୍ରଜ ମୋହନ ମଠସ୍ଥିତ ହନୁମାନ ବିଗ୍ରହ, ଖାରିଗୁମା ହନୁମାନ ମନ୍ଦିର, ଡଉଗାଁ ହନୁମାନ ଦ୍ୱାର ହନୁମାନ ମନ୍ଦିର ସହ କୁଷଗୁମା, ଜଗମୋହନ, ସୁନାମୋହି , ମଥୁରା ଶନିଦେବ ମନ୍ଦିର ନିକଟସ୍ଥ ହନୁମାନ ବାଟିକାଠାରେ ଥିବା ବିଗ୍ରହ ଓ ମନ୍ଦିର ପରିସରରେ ଘୃତ ଯଜ୍ଞ, ନାମ ଯଜ୍ଞ, ଅନ୍ନ ଯଜ୍ଞ ଓ ହନୁମାନ ଚାଳିଶା ପାଠ କରାଯାଇଥିଲା ।


ଆସିକାରେ ଏକ କୋଟି ରୁଦ୍ରାକ୍ଷରେ ନିର୍ମିତ ହନୁମାନ ବିଗ୍ରହଙ୍କୁ ଦର୍ଶନ କରୁଛନ୍ତି ଜିଲାପାଳ।

**ଆସିକା, (ସୁରେନ୍ଦ୍ର ନାଥ ସାହୁ)** ଆସିକା ସହର ତଥା ଗ୍ରାମାଞ୍ଚଳରେ ମଙ୍ଗଳବାର ବିଭିନ୍ନ ହନୁମାନ ମନ୍ଦିରରେ ମହାବୀର ହନୁମାନଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ବିଭିନ୍ନ ମନ୍ଦିରରେ ବିଧି ମୁତାବକ ପୂଜା, ହୋମ, ହନୁମାନ ଚାଳିଶା ପାଠ କରାଯାଇଥିଲା । ସନ୍ଧ୍ୟାରେ ଠାକୁରଙ୍କ ବିଜେ ପ୍ରତିମାକୁ ବାଦ୍ୟବାଜଣା ପଟୁଆର ସହ ନଗର ପରିକ୍ରମା କରାଯାଇଥିଲା । ଆସିକା ପୌରାଞ୍ଚଳର ବାଣୀବିହାରସ୍ଥିତ ଗୁରୁକୃପା ଆଶ୍ରମରେ ଆଶ୍ରମ ପ୍ରତିଷ୍ଠାତା ସଦଗୁରୁ ଆତ୍ମାରାମଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ଆଡମ୍ବର ସହକାରେ ହୋଇଥିଲା । ଶ୍ରଦ୍ଧାଳୁଙ୍କ ଦ୍ୱାରା ୧ଲକ୍ଷ ୮ ବେଲପତ୍ରରେ ସିନ୍ଦୁରରେ ରାମନାମ ଲିଖନ ପୂର୍ବକ ହନୁମାନଙ୍କୁ ଅର୍ପଣ କରାଯାଇଥିଲା। ଏହି ଅବସରରେ ଆଶ୍ରମ ପରିସରରେ ଏକ କୋଟି ରୁଦ୍ରାକ୍ଷରେ ନିର୍ମିତ ମହାବୀରଙ୍କ ମୂର୍ତ୍ତି ଓ ୯ଶହ ୮୦ କୋଟି ପତ୍ରରେ ଲିଖନ ରାମନାମ ସଦଗୁରୁ ଆତ୍ମାରାମଜୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

## କବିତା 'କାଲି ଓ ଆଜି'ର ଲୋକାର୍ପଣ

ପାରଳାଖେମୁଣ୍ଡି,୧୪।୪
(ଗିରିଧାରୀ ପରିଚ୍ଛା)
ପାରଳାଖେମୁଣ୍ଡିସ୍ଥିତ ସିଦ୍ଧାନ୍ତ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ କବି ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ କବିତା ପୁସ୍ତକ 'କାଲି ଓ ଆଜି'ର ଉନ୍ମୋଚନ୍ ମଙ୍ଗବାର ହୋଇଯାଇଛି। ସିଦ୍ଧାନ୍ତର ପ୍ରତିଷ୍ଠାତା ସମ୍ପାଦକ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଫାଲ୍ଗୁନୀ ମାଝୀ, ସମ୍ମାନିତ ଅତିଥି ରୂପେ ଡିଇଓ ଡ. ମାୟାଧର ସାହୁ, ଅନ୍ୟତମ ଅତିଥି ଜିଲା ମଙ୍ଗଳ ଅଧିକାରୀ ସଲୋମନ ରାଇକା, ସମୀକ୍ଷକ ଭାବେ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଉପ ନିର୍ଦ୍ଦେଶକ ଡା. ବିଧିତ ଶେଖର ମିଶ୍ର ଯୋଗ ଦେଇ ଥିଲେ। ଅତିଥିମାନେ ପୁସ୍ତକ ଉନ୍ମୋଚନ କରି ଆଧୁନିକ କବିତାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରି ସାଧୀନୋତ୍ତର ଭାରତରେ କବିତାର ଅସ୍ତିତ୍ୱ ସର୍ବତ୍ର ସବୁ ଭାଷାରେ ଆଦୃତି ଲାଭ କରିଛି ବୋଲି କହିଥିଲେ।

# ଅନ୍ତରବାଟିଆ ମେରୁଯାତ୍ରାରେ ସହସ୍ରାଧିକ ଶ୍ରଦ୍ଧାଳୁ

ବ୍ରହ୍ମପୁର,୧୪।୪(ସୁବାସ ଚନ୍ଦ୍ର ପାଢ଼ୀ)
ଅନ୍ତରବାଟିଆ ଦଣ୍ଡ ଦଳ ମେରୁ ପର୍ବ ପାଳିଛି। ଭଂଜ ବିହାର ନିକଟ ଉକ୍ତ ଗ୍ରାମର ମା' ଦକ୍ଷିଣେଶ୍ୱରୀ ରୁଦ୍ର ଦଣ୍ଡ କାଳୀ ମନ୍ଦିର ପ୍ରାଙ୍ଗଣରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମ ଦିନ ମା'ଙ୍କ ପୂଜାର୍ଚ୍ଚନା ପରେ ୧୩ ଭୁକୁତା, ମାନସିକ ଧାରୀ ଓ ଦଣ୍ଡୁଆ ଭକ୍ତଙ୍କ ସହ ମନ୍ଦିରରୁ ବାହାରି ୧୩ ଦିନ ଧରି ବିଭିନ୍ନ ଗ୍ରାମରେ ଦଣ୍ଡ ପର୍ବ କରିବା ସହ ଶେଷ ଦିନରେ ମେରୁ ମଣ୍ଡପକୁ ଠାକୁର ବିଜେ କରିଥଲେ। ସେଠାରେ ହୋମ ହୋଇଥିଲା। କାଳିସି(ପାଟଭୁକ୍ତା)ଙ୍କୁ ପଞ୍ଚାମୃତ ସ୍ନାନ ସହ ୧୩ ମାଠିଆ ପାଣିରେ ସ୍ନାନ କରାଯାଇଥିଲା। ପ୍ରଥା ଓ ପରମ୍ପରା ଅନୁସାରେ ନାକରୁ ତିନି ଟୋପା ରକ୍ତ ଅଗ୍ନି କୁଣ୍ଡରେ ପଡିବା ପର୍ଯ୍ୟନ୍ତ ତାଙ୍କୁ ଅଗ୍ନି କୁଣ୍ଡ ଉପରେ ରହିଥିବା ମେରୁ ଖୁଣ୍ଟରେ ଓଲଟା ଝୁଲା ଯାଇଥିଲା। ପାଟଭୁକ୍ତା ପ୍ରଶାନ୍ତ କୁମାର ଦାସଙ୍କୁ ଝଜାଙ୍ଗ ପତ୍ର, ଦହି, କଦଳୀ ବଟାକୁ ଲେପନ ଦେଇ ମେରୁ ଖୁଣ୍ଟିକୁ ଆଣି ସେଠାରେ ଝୁଲାଇଥିଲେ। ହୋମ କୁଣ୍ଡରେ ଝୁଣା ଓ ଘିହ ଆହୁତି ପ୍ରଦାନ ହୋଇଥିଲା। ଏହାପରେ ମେରୁ ଖୁଣ୍ଟରେ ବନ୍ଧା ଯାଇଥିବା ଖଜୁରୀ, ଆମ୍ବକୁ ଶ୍ରଦ୍ଧାଳୁଙ୍କ ଉଦ୍ଦେଶରେ ଫିଙ୍ଗା ଯାଇଥିଲା। ମେରୁ ଯାତ୍ରା ସରିବା ପରେ ଉପବାସରେ ରହିଥିବା ଶ୍ରଦ୍ଧାଳୁ ଭକ୍ତମାନେ ମା'ଙ୍କ ପ୍ରସାଦ ସେବନ କରି ବ୍ରତ ଶେଷ କରିଥିଲେ। ପୂଜକ ଭାବେ ବନୋଜ କୁମାର ଶତପଥୀ, କର୍ତ୍ତା ଭାବେ ଭିକାରୀ ଚରଣ ଦାସ ଏବଂ ସୁଶାନ୍ତ କୁମାର ଦାସ ପୂଜାର୍ଚ୍ଚନା କରିଥିଲେ। ପରେ ସେଠାରେ ମେରୁ ଝୁଲଣ ଅନୁଷ୍ଠିତ ହୋଇଥିଲା। ପାଟ ଭୁକ୍ତାଙ୍କୁ ମନ୍ଦିରକୁ ନିଆଯାଇଥିଲା। ସେଠାରେ ହଜାର ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟି ରେ ରଖି ପୋଲିସ ମୁତୟନ ହୋଇ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ମନ୍ଦିର କମିଟି ପକ୍ଷରୁ ବିପ୍ର ଦାସ, ରାମହରି ଦାସ, ସମୀର ଦାସ, ପ୍ରଦୀପ ଦାସ, ନଟବର ଦାସ, ବାବୁଲା ଦାସ, ଗୋବିନ୍ଦ ଦାସ, ରାହୁଲ ଦାସ ପ୍ରମୁଖ ସହଯୋଗ କରିଥିଲେ।


ପାଟଭୁକ୍ତାଙ୍କୁ ମେରୁ ଖୁଣ୍ଟରେ ଝୁଲାଯାଇଛି।

